# ହାୟରେ କବି !

ବଂଧୁ ଗୋ ବଂଧୁ
ପରାଣ ବଂଧୁ
ତୁମରି ଆଖିରେ
ଆସିଲେ ଲୁହ
ମୋ ନୟନୁ ଝରେ ଲୋତକ ସିନ୍ଧୁ ... ।

ସଖିରେ ସଖି
ଅଧରୁ ନିକି
ଅଳପ ଚଖାଇ
ପୀୟୂଷ ରସ
ସୁରା ସଙ୍ଗେ ଦେଲୁ ପରଷି ସାକି ... ।

ଗୋରୀରେ ଗୋରୀ
ତୋ ଅଳସ ତନୁ
କନିଅର ରଂଗେ
ଦେହ ରଂଗାଇ
ଅପାସୋରା ହେଲୁ କବିର ମନୁ ... ।

ନବ ଯୌବନା ତୁ
ନୀଳ ନୟନା
ପ୍ରେମ ଦାନେ ପରା
ତୁ ପଗୀୟସୀ
ଦରଦର ହାସୀ ଚାରୁ ବରନା ... ।

ତୁ ମୋର ମାନିନୀ
ଚପଳା ଗୋରୀ
କବିର ଦରଦ
ବୁଝିବୁ କାହୁଁ
ମନେ ତୁ ବିହରୁ ଅମରାପୁରୀ ... ।

ତୋ କୃଷ୍ଣ କବରୀ
ସରଳ ବେଣୀ
ପଥିକକୁ ପଥ
ଭୁଲାଇବ ସିଏ
ମୋ ପାଇଁ ପ୍ରେମର ପାବଚ୍ଛ ଶ୍ରେଣୀ ... ।

ମହ ମହ ତୋର
ଦେହର ବାସ୍ନା
ଜାହ୍ନବୀର ରଙ୍ଗେ
ତୋ ଦେହ ମିଶଇ
ମନେ ସୃଷ୍ଟିକରେ କନକ ଜ୍ୟୋସ୍ନା ... ।

ତୁ କାହୁଁ ବୁଝିବୁ
ପ୍ରେମର ଭାଷା
ହୃଦୟର ତନ୍ତ୍ରୀ
ହୁଅଇ ବିଦୀର୍ଣ୍ଣ
ତରୁଣ କବିଯେ କି ଲୋକହସା ! ।

ସରଳ ପରାଣ
କରୁଣ ଛବି
ଅନୁଭବୀ ସିନା
ପାରିବ ଜାଣି
ସବୁ କବି ହୃଦେ ରହିଛି ଦ୍ରବି ... ।

ହାୟରେ କବି !
ହାୟରେ କବି !
ଅନ୍ତର ତୁମ
ବିଳପି ଉଠଇ
ପ୍ରେମିକାକି ସତେ ପାରେନା ଭାବି ... ।

ହାୟରେ କବି !
ହାୟରେ କବି !